# NATIONAL NEWS BULLETIN (ODIA)

## 23rd March - 2025

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଦିତ୍ୟ ନାରାୟଣ ଦାଶ**

## ମୁଖ୍ୟ ସମ୍ବାଦ

- ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ; କହିଲେ ସୁପ୍ରିମକୋର୍ଟ ବିଚାରପତି ।

- ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଆଜି ଆତ୍ମସମର୍ପଣ କଲେ ୨୨ ଜଣ ମାଓବାଦୀ ।

- ଇସ୍ରାଏଲ୍-ହମାସ ଯୁଦ୍ଧରେ ୫୦ ହଜାରରୁ ଅଧିକ ପାଲେଷ୍ଟାଇନ୍ ନାଗରିକଙ୍କ ମୃତ୍ୟୁ ଘଟିଥିବା ନେଇ ସୂଚନା ଦେଲା ଗାଜରା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ।

ଏବଂ

- ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଆଉ କିଛି ସମୟ ପରେ ଚେନ୍ନାଇ ସୁପର କିଙ୍ଗ୍‌ସ ଓ ମୁମ୍ବାଇ  ଇଣ୍ଡିଆନ୍ସ ମଧ୍ୟରେ ହେବ ମୁକାବିଲା ।

## ମଣିପୁର - ମେଘୱାଲ୍ ଜଜେସ୍ ଭିଜିଟ୍

ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ ସମସ୍ତ ସମସ୍ୟାର ସମାଧାନ କରାଯାଇପାରିବ ବୋଲି ସୁପ୍ରିମ୍‌କୋର୍ଟର ବିଚାରପତି ଜଷ୍ଟିସ୍ ବି.ଆର୍. ଗଭାଇ କହିଛନ୍ତି । ଇମ୍ଫାଲ୍‌ର ମଣିପୁର ଉଚ୍ଚ ନ୍ୟାୟାଳୟର ଦ୍ୱାଦଶ ବାର୍ଷିକ ଉତ୍ସବରେ ଯୋଗଦେଇ ଜଷ୍ଟିସ୍ ଗଭାଇ ସମସ୍ୟା ସମାଧାନ କରିବା କ୍ଷେତ୍ରରେ ଆପୋଷ ଆଲୋଚନା ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ବୋଲି କହିଥିଲେ । ଯେତେବେଳେ ଲୋକମାନେ ଏକାଠି ହେବେ, ସେତେବେଳେ ସମାଧାନର ରାସ୍ତା ବାହାରିବ ବୋଲି ଜଷ୍ଟିସ୍ ଗଭାଇ କହିଥିଲେ । ସୂଚନାଯୋଗ୍ୟ, ସୁପ୍ରିମ୍‌କୋର୍ଟର ୫ ଜଣ ବିଚାରପତିଙ୍କ ଏକ ପ୍ରତିନିଧି ଦଳ ନେତୃତ୍ୱ ନେଇ ଦୁଇଦିନିଆ ମଣିପୁର ଗସ୍ତ କରିବା ପରେ ସେଠାରେ ଜାତିଗତ ହିଂସାରେ ପ୍ରଭାବିତଙ୍କ ସହ ଆଲୋଚନା ସମ୍ପର୍କିତ ଅନୁଭୂତିକୁ ଜଷ୍ଟିସ୍ ଗଭାଇ ବର୍ଣ୍ଣନା କରିଥିଲେ । ପ୍ରତିନିଧି ଦଳ ଚୁରାଚାନ୍ଦପୁର ଜିଲ୍ଲାରେ ଏକ ଆଇନ ସହାୟତା ଶିବିର ଓ ସ୍ୱାସ୍ଥ୍ୟ କ୍ୟାମ୍ପର

ଉଦ୍‌ଘାଟନ କରିବା ସହିତ ଏହି ପ୍ରତିନିଧି ଦଳର ଦୁଇଦିନିଆ ମଣିପୁର ଗସ୍ତ ଆଜି ଶେଷ ହୋଇଛି ।

କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ୍ ମଣିପୁରର ପରିସ୍ଥିତି ସୁଧୁରୁଥିଲେ ମଧ୍ୟ ଶାନ୍ତି ପ୍ରକ୍ରିୟା ଜାରି ରହିବାର ଆବଶ୍ୟକତା ଥିବା କହିଛନ୍ତି । ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି ପରେ ସେଠାରେ ଶାନ୍ତି ପ୍ରତିଷ୍ଠାପାଇଁ କେନ୍ଦ୍ର ସରକାରଙ୍କର ପ୍ରତିଶ୍ରୁତିବଦ୍ଧତାକୁ ଶ୍ରୀ ମେଘୱାଲ୍ ଦୋହରାଇଛନ୍ତି । ଏହି ଉତ୍ସବରେ ରାଜ୍ୟପାଳ ଅଜୟ କୁମାର ଭାଲ୍ଲାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ପି.ଏମ୍. - ପୋଡ୍‌କାଷ୍ଟ

କୃତ୍ରିମ ବୁଦ୍ଧିମତ୍ତା ଗବେଷକ ତଥା ପୋଡ୍‌କାଷ୍ଟର୍ ଲେକ୍ସ ଫିଡ୍‌ମାନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାକ୍ଷାତ୍‌କାର ପୋଡ୍‌କାଷ୍ଟ ଏବେ ଏକାଧିକ ଭାଷାରେ ଉପଲବ୍ଧ ହେଉଛି । ବ୍ୟାପକ ଦର୍ଶକଙ୍କ ପାଖରେ ପହଞ୍ଚାଇବା ଏହାର ଉଦ୍ଦେଶ୍ୟ ବୋଲି ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦି କହିଛନ୍ତି ।

## ଛତିଶଗଡ଼ - ମାଓଇଷ୍ଟ

ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଆଜି ୨୨ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରେ ୨ ଜଣ ମହିଳା ମାଓବାଦୀ ଅଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ଉପରେ ୧୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ରାଜ୍ୟ ସରକାରଙ୍କ ନୀତି ଅନୁଯାୟୀ ଆତ୍ମସମର୍ପଣ କରିଥିବା ପ୍ରତ୍ୟେକ ମାଓବାଦୀଙ୍କୁ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି ।

## ମହାତ୍ମାଗାନ୍ଧି - ମ୍ୟୁଜିୟମ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଦକ୍ଷିଣ ଆଫ୍ରିକାର ଫିନିକ୍ସ ସେଟ୍‌ଲମେଣ୍ଟ ଟ୍ରଷ୍ଟ ଓ ଗାନ୍ଧି ଡେଭଲପ୍‌ମେଣ୍ଟ ଟ୍ରଷ୍ଟଦ୍ୱାରା ମହାତ୍ମାଗାନ୍ଧିଙ୍କ ସମ୍ପର୍କିତ ପ୍ରାଚୀନ ସାମଗ୍ରୀ ଓ ଦଲିଲ୍‌ଗୁଡ଼ିକୁ ନୂଆଦିଲ୍ଲୀର ଜାତୀୟ ଗାନ୍ଧି ସଂଗ୍ରହାଳୟକୁ ହସ୍ତାନ୍ତର କରାଯିବା ସମୟରେ ଉପସ୍ଥିତ ଥିଲେ । ଏହି ଅବସରରେ ଡକ୍ଟର ଜୟଶଙ୍କର କହିଛନ୍ତି, ବାପୁଙ୍କ ଜୀବନ ଆଗାମୀ ପିଢ଼ିକୁ ପ୍ରେରଣା ଦେବ । ଆମ ସମ୍ବାଦଦାତାଙ୍କ ରିପୋର୍ଟ ଅନୁସାରେ ଦାନ କରାଯାଇଥିବା ସାମଗ୍ରୀଗୁଡ଼ିକ ମଧ୍ୟରେ ମହାତ୍ମାଗାନ୍ଧିଙ୍କଦ୍ୱାରା ହାତ ତିଆରି

ପୋଷାକ ରହିଛି । ବାପୁ ୧୮୯୩ ମସିହାରେ ଦକ୍ଷିଣ ଆଫ୍ରିକାରେ ପହଞ୍ଚିଥିଲେ । ଡର୍ବାନ୍‌ରେ ବହୁବର୍ଷ ଧରି ରହିବା ଅବସରରେ ୧୯୦୪ ମସିହାରେ ସେ ଫିନିକ୍ସ ସେଟଲ୍‌ମେଣ୍ଟ ପ୍ରତିଷ୍ଠା କରିଥିଲେ । ମହାତ୍ମାଗାନ୍ଧିଙ୍କ ସ୍ମୃତିକୁ ଭାରତ ସହ ଯୋଡ଼ିବା ପାଇଁ ଗାନ୍ଧି ଡେଭଲପ୍‌ମେଣ୍ଟ ଟ୍ରଷ୍ଟ ଏବଂ ଫିନିକ୍ସ ସେଟଲ୍‌ମେଣ୍ଟ ଟ୍ରଷ୍ଟ ବାପୁଙ୍କ ପରିବାରର କିଛି ସାମଗ୍ରୀ ଭାରତକୁ ଦାନ କରିବା ନିଷ୍ପତ୍ତି ଅନୁଯାୟୀ ଏହା କରାଯାଇଛି ।

## ଆର୍.ଏସ୍.ଏସ୍. - ସେଣ୍ଟେନାରୀ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ - ଆର୍.ଏସ୍.ଏସ୍. ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଅନେକ କାର୍ଯ୍ୟକ୍ରମ ଆୟୋଜନର ଯୋଜନା କରାଯାଇଛି ବୋଲି ଆର୍.ଏସ୍.ଏସ୍.ର ସାଧାରଣ ସମ୍ପାଦକ ଦତ୍ତାତ୍ରେୟ ହୋସାବଲେ ସୂଚନା ଦେଇଛନ୍ତି । ବେଙ୍ଗାଲୁରୁଠାରେ ସଂଘର ଅଖିଳ ଭାରତୀୟ ପ୍ରତିନିଧି ସଭାର ୩ଦିନିଆ ରାଷ୍ଟ୍ରୀୟ ବୈଠକ ଶେଷ ହେବା ପରେ ଗଣମାଧ୍ୟମକୁ ସେ ଏହି ସୂଚନା ଦେଇଛନ୍ତି । ଚଳିତବର୍ଷ ବିଜୟାଦଶମୀଠାରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ସାମାଜିକ ସଦ୍‌ଭାବନା ସହ ଜାତୀୟ ଏକତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟନେଇ ତୃଣମୂଳ ସ୍ତରରେ ଜନସମ୍ପର୍କ

କାର୍ଯ୍ୟକ୍ରମ ମାନ ଆୟୋଜନ କରାଯିବ ବୋଲି ଶ୍ରୀ ହୋସାବଲେ ସୂଚନା ଦେଇଛନ୍ତି ।

*Voice* :..........

## ଦିଲ୍ଲୀ ଆସେମ୍ବ୍ଲି

ଦିଲ୍ଲୀ ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଏହି ଅଧିବେଶନ ଚଳିତ ମାସ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଥିବାବେଳେ ଯଦି ଆବଶ୍ୟକ ହୁଏ, ତେବେ ଏହାକୁ ସମ୍ପ୍ରସାରଣ କରାଯିବାର କାର୍ଯ୍ୟସୂଚୀ ରହିଛି । ଡି.ଟି.ସି.ର କାର୍ଯ୍ୟକାରିତା ଉପରେ ସି.ଏ.ଜି. ରିପୋର୍ଟ ଆସନ୍ତାକାଲି ଗୃହରେ ଉପସ୍ଥାପନ କରାଯିବ ।

ବଜେଟ୍ ଆସନ୍ତା ମଙ୍ଗଳବାର ଉପସ୍ଥାପନ କରାଯିବା ସହିତ ସରକାରଙ୍କ ଆର୍ଥିକ ପ୍ରାଥମିକତା ଏବଂ ବର୍ଷର ବିକାଶ କାର୍ଯ୍ୟସୂଚୀର ରୂପରେଖ ମଧ୍ୟ ପ୍ରସ୍ତୁତ କରାଯିବ । ଏହି ଅଧିବେଶନରେ ପ୍ରମୁଖ ଆର୍ଥିକ ଏବଂ ନୀତିଗତ ପ୍ରସଙ୍ଗ ଉପରେ ଆଲୋଚନା କରାଯିବା ସହିତ ନିଷ୍ପତ୍ତି ମଧ୍ୟ ନିଆଯିବ । ତେବେ ଆର୍ଥିକ୍ ଆବଣ୍ଟନ ଏବଂ ନୀତିଗତ ପଦକ୍ଷେପଗୁଡ଼ିକର ବିଶ୍ଳେଷଣ କରିବା ଲାଗି ଚଳିତ ମାସ ୨୬ ତାରିଖରେ ବିଧାୟକମାନେ ବଜେଟ୍ ଉପରେ ବିସ୍ତୃତ ଭାବେ ଆଲୋଚନା କରିବେ ବୋଲି ଜଣାପଡ଼ିଛି ।

# ଏନ୍.ଟି.ଏ. - ସି.ୟୁ.ଇ.ଟି.

ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ. ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୟୁ.ଜି. ୨୦୨୫ ନିମନ୍ତେ ଅନ୍‌ଲାଇନ୍ ଆବେଦନ ଫର୍ମ ଦାଖଲ ସମୟସୀମାକୁ ଆସନ୍ତାକାଲି ପର୍ଯ୍ୟନ୍ତ ବୃଦ୍ଧି କରିଛି । ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପରୀକ୍ଷା ଦେୟ ଦାଖଲ କରିବା ସମୟସୀମାକୁ ମଧ୍ୟ ମାର୍ଚ୍ଚ ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଛାତ୍ରଛାତ୍ରୀମାନେ ମାର୍ଚ୍ଚ ୨୬ରୁ ୨୮ତାରିଖ ପର୍ଯ୍ୟନ୍ତ ଆବେଦନ ପତ୍ରରେ ଆବଶ୍ୟକ ସଂଶୋଧନ କରିପାରିବେ ।

ସୂଚନା ଅନୁଯାୟୀ ଏହି ପ୍ରବେଶିକା ପରୀକ୍ଷା ଚଳିତବର୍ଷ ମେ' ୮ ତାରିଖରୁ ଜୁନ୍ ୧ ତାରିଖ ମଧ୍ୟରେ ଦେଶର ବିଭିନ୍ନ କେନ୍ଦ୍ର ଏବଂ ବିଦେଶର ୧୫ଟି ପରୀକ୍ଷା କେନ୍ଦ୍ରରେ କମ୍ପ୍ୟୁଟର ଭିତ୍ତିରେ କରାଯିବାକୁ ନିଷ୍ପତ୍ତି ହୋଇଛି । ଏଥିରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଦେଶର ଯେକୌଣସି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କିମ୍ବା ରାଜ୍ୟର ନିର୍ଦ୍ଧାରିତ ବିଶ୍ୱବିଦ୍ୟାଳୟ, ଡିମ୍ଡ ଓ ବେସରକାରୀ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇପାରିବେ ।

# ଜେ.କେ. - ଟେରରିଷ୍ଟ

ଜମ୍ମୁ-କାଶ୍ମୀରରର ଡୋଡା ଜିଲ୍ଲାର ଏକ ଘଞ୍ଚଜଙ୍ଗଲରେ ଥିବା ସନ୍ତ୍ରାସବାଦୀ ଆତ୍ମାସ୍ଥଳୀ ଉପରେ ଚଢ଼ାଉ କରାଯାଇ ଗୋଟିଏ ପିସ୍ତଲ ସହିତ କେତେକ ଗୁଳିଗୋଳା ଜବତ କରାଯାଇଛି । ଡୋଡା ଜିଲ୍ଲାର ଭାଲରା ଜଙ୍ଗଲାଞ୍ଚଳର ଉଦେର୍ଓ୍ୱାଠାରେ ସ୍ଥାନୀୟ ପୁଲିସର ସ୍ୱତନ୍ତ୍ର ତଲାସୀ ଦଳ ଏବଂ ସେନାର ମିଳିତ ଉଦ୍ୟମରେ ଏହି ଚଢ଼ାଉ ଅଭିଯାନ କରାଯାଇଥିଲା ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ଏଥିରେ ଗୋଟିଏ ପିସ୍ତଲ ସହିତ ୩ଟି ମାଗାଜିନ୍, ଏକାଧିକ ଏ.କେ. ରାଇଫଲ୍‌କୁ ଜବତ କରାଯାଇଛି । ତେବେ ଏନେଇ କାହାକୁ ଗିରଫ କରାଯାଇ ନ ଥିବା ଜଣାପଡ଼ିଛି ।

ଅନ୍ୟପକ୍ଷରେ କିସ୍ତିଓ୍ୱାଡ଼ ଜିଲ୍ଲାର ଗୁରିନାଲ୍, ଥାଥ୍ରି ଏବଂ ଚାତ୍ରୁ ବନାଞ୍ଚଳରେ ପୁଲିସ୍, ସେନା ଏବଂ ସି.ଆର୍.ପି.ଏଫ୍. ଯବାନଙ୍କ ପକ୍ଷରୁ ଏକ ମିଳିତ ତଲାସୀ ଅଭିଯାନ ଜାରି ରହିଛି ବୋଲି ଅଧିକାରୀମାନେ କହିଛନ୍ତି । ତେବେ ସେଠାରେ ସନ୍ଦିଗ୍ଧ ସନ୍ତ୍ରାସବାଦୀଙ୍କ ଉପସ୍ଥିତି ନେଇ କେତେକ ଗ୍ରାମବାସୀ ସୂଚନା ଦେବା ପରିପ୍ରେକ୍ଷୀରେ ଏହି ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା ।

## ଏନ୍.ଆଇ.ଏ. - ଖଲିସ୍ତାନ - ଟେରରିଷ୍ଟ

ଚଣ୍ଡିଗଡ଼ରେ ଗତ ସେପ୍ଟେମ୍ବର ୨୦୨୪ ମସିହାରେ ସଙ୍ଘଟିତ ବୋମା ଆକ୍ରମଣ ଘଟଣାରେ ସମ୍ପୃକ୍ତ ବାବର ଖାଲ୍‌ସା ଇଣ୍ଟରନ୍ୟାସନାଲ୍‌ର ୪ ଜଣ ସନ୍ତ୍ରାସବାଦୀଙ୍କ ବିରୋଧରେ ଜାତୀୟ ତଦନ୍ତକାରୀ ସଂସ୍ଥା - ଏନ୍.ଆଇ.ଏ. ଚାର୍ଜସିଟ୍ ଦାଖଲ କରିଛି । ସରକାରୀ ସୂତ୍ରରୁ ଜଣାପଡ଼ିଛି, ସେହି ୪ ଜଣଙ୍କ ମଧ୍ୟରେ ପାକିସ୍ତାନଭିତ୍ତିକ ସନ୍ତ୍ରାସବାଦୀ ହର୍‌ୱିନ୍ଦର ସିଂହ ସାନ୍ଧୁ ଓରଫ୍ ରିଣ୍ଡା ଓ ଆମେରିକାଭିତ୍ତିକ ହରପ୍ରୀସ୍ ସିଂ ଓରଫ୍ ହାପି ପାସି ଅଛନ୍ତି । ବିଭିନ୍ନ ମାମଲାରେ ଏହି ୪ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯାଇଛି ।

## ଇସ୍ରାଏଲ୍ - ଗାଜା

ଇସ୍ରାଏଲ୍-ହମାସ ଯୁଦ୍ଧରେ ୫୦ ହଜାରରୁ ଅଧିକ ପାଲେଷ୍ଟାଇନ୍ ନାଗରିକଙ୍କ ମୃତ୍ୟୁ ଘଟିଥିବା ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଆଜି ସୂଚନା ପ୍ରଦାନ କରାଯାଇଛି । ଏହି ଯୁଦ୍ଧରେ ୧ ଲକ୍ଷ ୧୩ ହଜାରରୁ ଅଧିକ ଆହତ ହୋଇଥିବା ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଗତ ସପ୍ତାହରେ ଗାଜା

ଯୁଦ୍ଧବିରତି ଚୁକ୍ତିକୁ ଇସ୍ରାଏଲ୍ ପକ୍ଷରୁ ଉଲ୍ଲଙ୍ଘନ କରାଯିବା ପରେ ୬୭୩ ଜଣଙ୍କ ମୃତ୍ୟୁ ଘଟିଥିବା ମନ୍ତ୍ରଣାଳୟ କହିଛି ।

## ସାଉଥ୍ କୋରିଆ ୱାଇଲ୍ଡ ଫାୟାର

ଦକ୍ଷିଣ କୋରିଆର ଦକ୍ଷିଣ-ପୂର୍ବାଞ୍ଚଳରେ ଭୟଙ୍କର ବନାଗ୍ନି ଯୋଗୁଁ ଅତିକମ୍‌ରେ ୪ ଜଣଙ୍କ ମୃତ୍ୟୁ ହେବା ସହ ବ୍ୟାପକ କ୍ଷୟକ୍ଷତି ଘଟିବା ପରେ ସେଠାରେ ଜରୁରୀ ପରିସ୍ଥିତି ଘୋଷଣା କରାଯାଇଛି । ଦକ୍ଷିଣ କୋରିଆର ଜଙ୍ଗଲ ବିଭାଗ ସମ୍ପୃକ୍ତ ଅଞ୍ଚଳର ୧୨ଟି ସ୍ଥାନରେ ଅଗ୍ନି ସତର୍କତା ଜାରି କରିଛି । ଜଙ୍ଗଲରେ ନିଆଁ ଲିଭାଇବାପାଇଁ ପ୍ରଶାସନ ପକ୍ଷରୁ ବହୁସଂଖ୍ୟାରେ ନିଆଁଲିଭାଳି ଗାଡ଼ି ଓ ଯବାନମାନଙ୍କୁ ମୁତୟନ କରାଯାଇଛି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟରେ ଆଜି ଖେଳାଯାଉଥିବା ପ୍ରଥମ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ’ ରାଜସ୍ଥାନ ରୟାଲ୍‌ସ ସମ୍ମୁଖରେ ୨୮୭ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଛି । ହାଇଦ୍ରାବାଦର ରାଜୀବ ଗାନ୍ଧି ଅନ୍ତର୍ଜାତୀୟ

ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସ ଟସ୍ ଜିତି ହାଇଦ୍ରାବାଦ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ୱିକେଟ୍ ବିନିମୟରେ ୨୮୬ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଇସାନ କିଷନ ୪୭ଟି ବଲ୍‌ରୁ ୧୦୬ ରନ୍ ବିସ୍ଫୋରକ ପାଳି ଖେଳିଥିବାବେଳେ ଟ୍ରାଭିସ୍ ହେଡ୍ ୩୧ଟି ବଲ୍‌ରୁ ୬୭ ରନ୍ ସଂଗ୍ରହ କରିଥିଲେ । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ୨୮୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ରାଜସ୍ଥାନ ଦଳ ୧୬ ଓଭର୍‌ରେ ୫ ୱିକେଟ୍ ବିନିମୟରେ ୧୭୩ ରନ୍ ସଂଗ୍ରହ କରିଛି ।

ଆଉ କିଛି ସମୟ ପରେ ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସ ଓ ମୁମ୍ବାଇ  ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ ।

*****